पेंशन निधि विनियामक एवं विकास प्राधिकरण
PENSION FUND REGULATORY AND DEVELOPMENT AUTHORITY

Atal Pension Yojana

Azadi Ka Amrit Mahotsav

## ଅଟଳ ପେନ୍‌ସନ ଯୋଜନା (ଏପିୱାଇ) – ସବ୍‌ସ୍କ୍ରିପ୍‌ସନ ସୂଚନା ବ୍ରୋଚର

- ଏପିୱାଇ 60 ବର୍ଷ ବୟସ ପରେ ଭାରତ ସରକାରଙ୍କ ଦ୍ୱାରା ସର୍ବନିମ୍ନ ମାସିକ ପେନ୍‌ସନ ଗ୍ୟାରେଣ୍ଟି ଟ.1000, ଟ.2000, ଟ.3000, ଟ.4000 ଓ ଟ.5000 ର ସୁବିଧା ପ୍ରଦାନ କରେ।
- ଏପିୱାଇ ଆକାଉଣ୍ଟ ଖୋଲିବା ପାଇଁ ଗ୍ରାହକ ଜଣକ ଭାରତର ଅଧିବାସୀ ହୋଇଥିବା ଆବଶ୍ୟକ। ଗ୍ରାହକଙ୍କ ବୟସ 18 ଓ 40 ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । 01.10.2022 ଠାରୁ ଆୟକରଦାତା ମାନେ ଏପିୱାଇ ସ୍କିମ୍ ରେ ସାମିଲ୍ ହେବାକୁ ଯୋଗ୍ୟ ହେବେ ନାହିଁ।
- ଗ୍ରାହକ ଏପିୱାଇରେ ସାମିଲ୍ ହେବା ପାଇଁ ବ୍ୟାଙ୍କ ଶାଖା / ପୋଷ୍ଟ –ଅଫିସ ସହିତ ଯୋଗାଯୋଗ କରିପାରିବେ ବା ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଡିଜିଟାଲ୍ ଅନବୋର୍ଡିଂ ପ୍ଲାଟଫର୍ମର ବ୍ୟବହାର କରିପାରିବେ।
- ଏପିୱାଇ ଆକାଉଣ୍ଟ ଖୋଲିବା ସମୟରେ ନୋମିନେସନ ଓ ଜୀବନସାଥୀଙ୍କ ସବିଶେଷ ବିବରଣୀ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ।
- ଦେୟ କିସ୍ତି ପରିମାଣକୁ ମାସିକ ବା ତ୍ରୟମାସିକ ବା ଅର୍ଦ୍ଧବାର୍ଷିକ ଭିତ୍ତିରେ ସେଭିଂସ ବ୍ୟାଙ୍କ ଆକାଉଣ୍ଟର ଅଟୋ ଡେବିଟ୍ ସୁବିଧା ମାଧ୍ୟମରେ ପ୍ରଦାନ କରାଯାଇ ପାରିବ।

## 60 ବର୍ଷ ବୟସ ହେବା ପରେ ଅଟଳ ପେନ୍‌ସନ ଯୋଜନା (ଏପିୱାଇ) ର ତିନିଟି ଲାଭ

- ଗ୍ରାହକଙ୍କୁ ସର୍ବନିମ୍ନ ଟ.1000 ରୁ ଆରମ୍ଭ କରି ଟ.5000 ର ଜୀବନବ୍ୟାପୀ ପେନ୍‌ସନ
- ଗ୍ରାହକଙ୍କ ମୃତ୍ୟୁ ପରେ ତାଙ୍କର ଜୀବନସାଥୀଙ୍କୁ ଜୀବନବ୍ୟାପୀ ପେନ୍‌ସନ।
- ଗ୍ରାହକ ବା ତାଙ୍କର ଜୀବନସାଥୀଙ୍କର ମୃତ୍ୟୁ ହେବା କ୍ଷେତ୍ରରେ 60 ବର୍ଷ ବୟସ ପର୍ଯ୍ୟନ୍ତ ଜମା ହୋଇଥିବା ପୁଞ୍ଜି ନୋମିନିଙ୍କୁ ଫେରସ୍ତ ।

## ଏପିୱାଇ ଅନ୍ତର୍ଗତ ପ୍ରାନ, ଟ୍ରାନ୍‌ଜାକ୍‌ସନ ଷ୍ଟେଟମେଣ୍ଟ ଓ ଅବଦାନ

- www.npscra.nsdl.co.in>>Home >>Atal Pension Yojana >> APY E-PRAN/ transaction statement view କୁ ପରିଦର୍ଶନ କରି ଟ୍ରାନ୍‌ଜାକ୍‌ସନ ବିବରଣୀ ଓ ପ୍ରନାନ କାର୍ଡ଼କୁ ଦେଖାଯାଇ ପାରିବ ଓ ଡାଉନଲୋଡ୍ କରାଯାଇପାରିବ।
- ଆବଶ୍ୟକୀୟ ପରିମାଣର ଅର୍ଥ ପ୍ରଦାନ କରି - https://enps.nsdl.com/eNPS/APYRePrintPRAN.html>> Atal Pension Yojana >> Print APY E-PRAN card ୱେବସାଇଟରେ ଗ୍ରାହକ ଭୌତିକ ପ୍ରାନ୍ କାର୍ଡ଼ର ପାଇଁ ଅନୁରୋଧ କରିପାରିବେ।
- ଅଟଳ ପେନ୍‌ସନ ଯୋଜନାରେ ନାମାଙ୍କନ କରିବା ପରେ, ଫିଜିକାଲ୍ ଟ୍ରାନ୍‌ଜାକ୍‌ସନ ଷ୍ଟେଟମେଣ୍ଟକୁ ବର୍ଷକୁ ଥରେ ପଞ୍ଜୀକୃତ ଠିକଣାରେ ପଠାଯିବ ଯେଉଁ ଠିକଣାକୁ ଗ୍ରାହକ ଅଟଳ ପେନ୍‌ସନ ଯୋଜନାରେ ନାମାଙ୍କିତ ହେବା ପୂର୍ବରୁ ପ୍ରଦାନ କରିଥିବେ।
- ପ୍ରଦାନ କରିଥିବା କିସ୍ତି ପରିମାଣର ସୂଚନାକୁ Protean-CRA ଦ୍ୱାରା ନିୟମିତ ବ୍ୟବଧାନରେ ଗ୍ରାହକଙ୍କର ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସଏମଏସ୍ ମାଧ୍ୟମରେ ପାଇପାରିବେ।
- ଇ-ପ୍ରାନ ମଧ୍ୟ ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଡିଜି-ଲକର ରେ ଉପଲବ୍ଧ ଅଟେ।

## ଏପିୱାଇ ଅନ୍ତର୍ଗତ ଗ୍ରାହକଙ୍କର ବିବରଣୀର ଅପଡେସନ/ ପରିବର୍ତ୍ତନ

- ଏପିୱାଇ ଗ୍ରାହକ ପରିବର୍ତ୍ତନ ଫର୍ମରେ ଗ୍ରାହକଙ୍କୁ ବ୍ୟକ୍ତିଗତ ସୂଚନା ଯଥା ଠିକଣା, ଫୋନ ନମ୍ବର ଇତ୍ୟାଦିର ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ହେବ ଏବଂ ଏହାକୁ ଏପିୱାଇ-ଏସପି ଶାଖାରେ ଆବଶ୍ୟକୀୟ ଦସ୍ତାବିଜ୍ ସହିତ ଦାଖଲ କରିବାକୁ ହେବ। ଏହି ଫର୍ମକୁ https://www.npscra.nsdl.co.in/nsdl-forms.php ରୁ ଅନଲାଇନ୍ ମାଧ୍ୟମରେ ଡାଉନଲୋଡ୍ କରାଯାଇପାରିବ।
- ଅଟୋଡେବିଟର ପୌନପୁନିକତାରେ ପରିବର୍ତ୍ତନ ଯଥା ତ୍ରୟମାସିକ ଦେୟରୁ ଅର୍ଦ୍ଧବାର୍ଷିକ ଦେୟ ବା ଅର୍ଦ୍ଧ ବାର୍ଷିକ ଦେୟରୁ ତ୍ରୟମାସିକ ଦେୟ ଇତ୍ୟାଦିକୁ ଗ୍ରାହକମାନେ ଲିଖିତ ଦରଖାସ୍ତ ଏପିୱାଇ ଶାଖାରେ ପ୍ରଦାନ କରି ପରିବର୍ତ୍ତନ କରିପାରିବେ।
- ଆଧାର ସିଡିଂ ବୈଶିଷ୍ଟ୍ୟକୁ ଏପିୱାଇ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି ଯେଉଁଥିରେ ଗ୍ରାହକ ଏପିୱାଇ ଆକାଉଂଟରେ ଆଧାରକୁ ରିୟଲ୍ ଟାଇମ ଭିତ୍ତିରେ https://www.npslite-nsdl.com/CRAlite/ >>Aadhar seeding for APY subscribers ରେ କରିପାରିବେ।

## ପେନ୍‌ସନ ପରିମାଣର ବୃଦ୍ଧି/ ହ୍ରାସ

- ଏପିୱାଇ ଗ୍ରାହକ "ଏପିୱାଇ ସବସ୍କ୍ରାଇବର ମୋଡିଫିକେସନ ଫର୍ମ" କୁ ଏପିୱାଇ ଏସପି ଶାଖାରେ ବର୍ଷ ତମାମ ପ୍ରଦାନ କରି ତାଙ୍କର ପେନସନ ପରିମାଣକୁ ବୃଦ୍ଧି/ହ୍ରାସ କରିପାରିବେ। ଫର୍ମଟି https://www.npscra.nsdl.co.in/>>Home>>Atal Pension Yojana >> Forms>> Subscriber maintenance >> ରେ ଉପଲବ୍ଧ ଅଛି।
- ଏହି ବୈଶିଷ୍ଟ୍ୟ ମାଧ୍ୟମରେ ନୂତନ ସୁନିଶ୍ଚିତ ପେନ୍‌ସନ ପରିମାଣ ବଛା ଯାଇଥିବା ଅନୁସାରେ ୟୁଜର ଜମା କରିବାକୁ / ଗ୍ରହଣ କରିବାକୁ ଥିବା ପାର୍ଥକ୍ୟ ପରିମାଣକୁ ଜାଣି ପାରିଥାନ୍ତି।
- ପେନସନ ପରିମାଣ ବୃଦ୍ଧି କ୍ଷେତ୍ରରେ ପାର୍ଥକ୍ୟ ପରିମାଣକୁ ପାର୍ଥକ୍ୟ ପରିମାଣକୁ ଜମା କରାଯିବ ଓ ହ୍ରାସ କ୍ଷେତ୍ରରେ ପାର୍ଥକ୍ୟ ପରିମାଣକୁ ଫେରସ୍ତ କରାଯିବ।
- ରି-ଫିକ୍ସେସନ ପ୍ରଣାଳୀ ମାଧ୍ୟମରେ ପେନ୍‌ସନ ପରିମାଣ ବୃଦ୍ଧିର ଏକ ନୂତନ ବୈଶିଷ୍ଟ୍ୟକୁ ଉପସ୍ଥାପନ କରାଯାଇଛି ଯେଉଁଥିରେ ବର୍ତ୍ତମାନର ବୟସ ଓ ପେନ୍‌ସନର ପରିମାଣର ପାର୍ଥକ୍ୟ ଅନୁସାରେ ଦେୟ ପରିମାଣକୁ ବୃଦ୍ଧି କରାଯିବ। ଏହି ପ୍ରକ୍ରିୟାରେ ଏକକାଳୀନ କୌଣସି ଅର୍ଥ ଜମା କରିବାର ଆବଶ୍ୟକତା ନାହିଁ।

## ଏପିୱାଇ ରୁ ପ୍ରସ୍ଥାନ

- **ସ୍ବେଚ୍ଛାରେ ପ୍ରସ୍ଥାନ (60 ବର୍ଷ ବୟସ ପୂର୍ବରୁ ପ୍ରସ୍ଥାନ)** : ଏପିୱାଇ ଆକାଉଣ୍ଟକୁ ବନ୍ଦ କରିବା ପାଇଁ "ଆକାଉଣ୍ଟ କ୍ଲୋଜର ଫର୍ମ (ସ୍ବେଚ୍ଛାପୂର୍ବକ ପ୍ରସ୍ଥାନ)" ଓ ଅନ୍ୟାନ୍ୟ ପ୍ରଯୁଜ୍ୟ ଦସ୍ତାବେଜକୁ ସଂପୃକ୍ତ ଏପିୱାଇ- ଏସପି ଶାଖାରେ ଦାଖଲ କରିବାକୁ ହେବ। ଫର୍ମଟି www.npscra.nsdl.co.in>>Home>>Atal Pension Yojana >>Forms >>Withdrawal Form >> Voluntary Exit APY withdrawal form ରେ ଉପଲବ୍ଧ ଅଛି। ଏହା ମଧ୍ୟ ଏପିୱାଇ-ଏସପି ଶାଖାରେ ଉପଲବ୍ଧ ଅଟେ। ଏପିୱାଇ ସହିତ ଲିଙ୍କ୍ ହୋଇଥିବା ସେଭିଂସ ଆକାଉଣ୍ଟକୁ ଗ୍ରାହକ ବନ୍ଦ କରିବା ଉଚିତ୍ ନୁହେଁ କାରଣ ଗ୍ରାହକ ଫେରି ପାଇବାକୁ ଥିବା ଅର୍ଥ ପରିମାଣ ଏପିୱାଇ ଲିଙ୍କ ହୋଇଥିବା ସେଭିଂସ୍ ଆକାଉଣ୍ଟକୁ ପ୍ରେରଣ କରାଯିବ। ତେଣୁ ଏପିୱାଇ ପ୍ରସ୍ଥାନ ପ୍ରକ୍ରିୟା ପରେ ଫେରି ପାଇବାକୁ ଥିବା ଅର୍ଥ ପରିମାଣ କ୍ରେଡିଟ୍ ହେବା ପୂର୍ବରୁ ସେଭିଂସ ଆକାଉଣ୍ଟକୁ ବନ୍ଦ କରିବା ଦ୍ବାରା ପ୍ରସ୍ଥାନ କରିଥିବା ଗ୍ରାହକଙ୍କୁ ଅର୍ଥ ଗ୍ରହଣ କରିବାରେ ସମସ୍ୟା ହୋଇପାରେ।

- **60 ବର୍ଷ ବୟସ ପୂର୍ବରୁ ଏପିୱାଇ ଆକାଉଣ୍ଟ ଗ୍ରାହକଙ୍କ ମୃତ୍ୟୁ କ୍ଷେତ୍ରରେ** : ଜୀବନସାଥୀ ଗ୍ରାହକଙ୍କର ଏପିୱାଇ ଆକାଉଣ୍ଟରେ ଅର୍ଥ ପରିମାଣ ପ୍ରଦାନ କରିବା ଜାରି ରଖିପାରିବେ ଯାହାକି ବଳକା ସମୟ ପାଇଁ ଜୀବନସାଥୀଙ୍କ ନାମରେ ରଖାଯିବ ଯେଉଁଥିରେ ମୂଳ ଗ୍ରାହକ 60 ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ ଏହାକୁ କରାଯିବ। ଯଦି ଜୀବନସାଥୀ ଏହି ଆକାଉଣ୍ଟକୁ ଜାରି ରଖିବାକୁ ଚାହାନ୍ତି ନାହିଁ, ତେବେ ତାଙ୍କୁ ଜମା କରାଯାଇଥିବା ପରିମାଣକୁ ଯଥା ତାଙ୍କ ଦ୍ବାରା ଏପିୱାଇକୁ ପ୍ରଦାନ କରାଯାଇଥିବା ପରିମାଣ ଏହା ସହିତ ଏହି ଜମାରେ ସଂଗୃହିତ ହୋଇଥିବା ସୁଧ (ରକ୍ଷଣାବେକ୍ଷଣ ଚାର୍ଜକୁ କାଟ କରିବା ପରେ) ଫେରସ୍ତ କରିଦିଆଯିବ।
- **ମୃତ୍ୟୁ କାରଣରୁ ପ୍ରସ୍ଥାନ** : ଦାବିଦାର ଉପଯୁକ୍ତ ଭାବରେ ପୂରଣ ହୋଇଥିବା "ଏପିୱାଇ କ୍ଲୋଜର ଫର୍ମ (ମୃତ୍ୟୁ)" କୁ ମୃତ୍ୟୁ ପ୍ରମାଣ ପତ୍ର ସହିତ ସଂପୃକ୍ତ ଏପିୱାଇ-ଏସପି ଶାଖାରେ ଦାଖଲ କରିବେ। ଏହି ଫର୍ମଟି www.npscra.nsdl.co.in>>Home>>Atal Pension Yojana >> Forms >>Withdrawal Form >> APY Death Form ରେ ଉପଲବ୍ଧ ଅଟେ। ଏହା ମଧ୍ୟ ଏପିୱାଇ-ଏସପି ଶାଖାରେ ଉପଲବ୍ଧ ଅଛି।

## ଏପିୱାଇ ମୋବାଇଲ୍ ଆପ୍ଲିକେସନ

- ଏପିୱାଇ ମୋବାଇଲ୍ ଆପ୍ଲିକେସନ ଏପିୱାଇ ଗ୍ରାହକଙ୍କ ପାଇଁ ମାଗଣାରେ ଉପଲବ୍ଧ ଅଛି। ଏଠାରେ ନିକଟରେ କରାଯାଇଥିବା 5 ଟି ପ୍ରଦାନକୁ ଦେଖା ଯାଇପାରିବ ଓ କୌଣସି ଅତିରିକ୍ତ ମୂଲ୍ୟ ପ୍ରଦାନ ନକରି ଇ-ପ୍ରାନକୁ ଯେକୌଣସି ସମୟରେ ଡାଉନଲୋଡ୍ କରାଯାଇପାରିବ। ଆଣ୍ଡ୍ରଏଡ୍ ୟୁଜରମାନେ ଏପିୱାଇ ମୋବାଇଲ୍ ଆପ୍ଲିକେସନକୁ ସର୍ଚ୍ଚ ବିକଳ୍ପରେ 'ଏପିୱାଇ ଓ ଏନପିଏସ୍ ଲାଇଟ୍' ଟାଇପ୍ କରି ଡାଉନ୍ ଲୋଡ୍ କରିପାରିବେ।
- ମୋବାଇଲ୍ ଆପ୍ଲିକେସନରେ **ଏପିୱାଇ ଚାଟ୍ ବଟ** ର ଏକ ନୂତନ ବୈଶିଷ୍ଟ୍ୟ ଉପଲବ୍ଧ ରହିଛି ଯେଉଁଠାରେ ଆପଣ ରିୟଲ୍ ଟାଇମରେ କମ୍ ମାନବିକ ହସ୍ତକ୍ଷେପରେ ଅନୁସନ୍ଧାନର ସମାଧାନ ପାଇପାରିବେ।
- ପେନ୍‌ସନ ପରିମାଣର ବୃଦ୍ଧି/ ହ୍ରାସ କାଲକୁଲେଟର ମଧ୍ୟ ଏହି ଆପ୍ଲିକେସନରେ ଉପଲବ୍ଧ ଅଛି।

## ଏପିୱାଇ ଅନ୍ତର୍ଗତ ସୂଚନା ପାଇବା ଓ ଅଭିଯୋଗ ଦାଖଲ କରିବା ପ୍ରକ୍ରିୟା

- ଗ୍ରାହକ ପ୍ରୋଟିନ୍ ସିଆରଏ-ଅଟଳ ପେନ୍‌ସନ ଯୋଜନା ହେଲ୍‌ପ ଡେସ୍କ (ଟୋଲ୍ ଫ୍ରି) କୁ 1800 889100 ରେ କଲ୍ କରି ଏପିୱାଇ ସମ୍ପର୍କିତ ପରବର୍ତ୍ତୀ ସୂଚନା ପାଇପାରିବେ।
- ୱେବରେ ଏପିୱାଇ ଚାଟ୍ ବଟର ଏକ ନୂତନ ବୈଶିଷ୍ଟ୍ୟ ଉପଲବ୍ଧ ରହିଛି ଯେଉଁଠାରେ ଆପଣ ରିୟଲ୍ ଟାଇମରେ କମ୍ ମାନବିକ ହସ୍ତକ୍ଷେପରେ ଅନୁସନ୍ଧାନର ସମାଧାନ ପାଇପାରିବେ।
- ଏପିୱାଇ ଆକାଉଣ୍ଟ / ଦେୟ ସମ୍ପର୍କରେ ସମସ୍ତ ପ୍ରକାର ଅନୁସନ୍ଧାନ ଏପିୱାଇ-ଏସପି ଶାଖାରେ ମଧ୍ୟ କରାଯାଇପାରିବ।
- ଗ୍ରାହକ ମାଗଣାରେ ଓ ଯେକୌଣସି ସ୍ଥାନରୁ www.npscra.nsdl.co.in >>Home >> select: NPS-Lite or through CGMS ୱେବସାଇଟ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ।
- ଅଭିଯୋଗ ଦାଖଲ କରୁଥିବା ଗ୍ରାହକଙ୍କୁ ତାଙ୍କର ଅଭିଯୋଗ ବିପକ୍ଷରେ ଏକ ଟୋକନ୍ ସଂଖ୍ୟା ପ୍ରଦାନ କରାଯିବ। ଗ୍ରାହକ ତାଙ୍କର ଅଭିଯୋଗର ସ୍ଥିତିକୁ "ଚେକ୍ ଦି ଷ୍ଟାଟସ୍ ଅଫ୍ ଗ୍ରିଭାନ୍‌ସ / ଏନକ୍ବାରି ଅଲ୍‌ରେଡି ରେଜିଷ୍ଟରଡ୍" ରେ ଯାଇ ଯାଞ୍ଚ କରିପାରିବେ।

## ଏପିୱାଇ ସୋସିଆଲ୍ ମିଡିଆ ପେଜ୍ ଲିଙ୍କସ

| ଏପିୱାଇ, ପିଏଫଆରଡିଏ ଏଠାରେ ଉପଲବ୍ଧ ରହିଛି | ପିଏଫଆରଡିଏ ପେଜ୍ ଏଠାରେ ଉପଲବ୍ଧ ରହିଛି : |
|---|---|
| ▪ ଫେସବୁକ୍ : https://www.facebook.com/OfficialAPY/<br>▪ ଏପିୱାଇ ପାଠଶାଳାର ୟୁଟ୍ୟୁବ ଲିଙ୍କ :<br>https://www.youtube.com/channel/UC5SuHg- O6ipH1J_HTfU17ug | ▪ ଲିଙ୍କଡ୍‌ଇନ୍ : https://www.linkedin.com/in/pfrda-pension-fund-regulator-of- india-051614168/?originalSubdomain=in<br>▪ ୟୁଟ୍ୟୁବ https://www.youtube.com/channel/UCLMx1eZWY- LDeyIWCwYu15Q<br>▪ ଟ୍ୱିଟର https://twitter.com/pfrdaofficial?lang=en |

**ଅଧିକ ସୂଚନା ପାଇଁ ଦୟାକରି ପରିଦର୍ଶନ କରନ୍ତୁ**

ପିଏଫ୍ଆରଡିଏ ୱେବସାଇଟ୍ : *https://www.pfrda.org.in/*>>NPS>>Atal Pension Yojana>>APY Scheme details, *https://www.pfrda.org.in/*>>NPS>>Atal Pension Yojana>>FAQs

ପ୍ରୋଟିନ୍-ସିଆରଏ ୱେବସାଇଟ୍ : *www.npscra.nsdl.co.in*>>Home>>Atal Pension Yojana>>Introduction>>APY Scheme details, *www.npscra.nsdl.co.in*>>Home>>Atal Pension Yojana>>FAQ's>>APY FAQ's

ଏନପିଏସ୍ ଟ୍ରଷ୍ଟ ୱେବସାଇଟ୍ : *http://www.npstrust.org.in* >>Atal Pension Yojana >>APYSchemedetails.pdf, *http://www.npstrust.org.in* >>Atal Pension Yojana >>APYFAQs10092015.pdf

ସୂଚନା : ଏହି ବ୍ରୋଚରର ଅନୁବାଦ ହୋଇଥିବା ସଂସ୍କରଣ ଓ ଅନ୍ୟ ଭାଷାର ସଂସ୍କରଣ ମଧ୍ୟରେ ଅର୍ଥରେ ଯଦି କୌଣସି ଭିନ୍ନତା ଦେଖାଯାଏ ତେବେ ଇଂରାଜୀ ସଂସ୍କରଣର ଅର୍ଥ ଚୂଡ଼ାନ୍ତ ହେବ।

QR CODE

1. APY MOBILE APP

2. APY PODCASTS

a) Downloading APY transactionstatementande PRAN

b) E-APY Process